# ପ୍ରଧାନ ମନ୍ତ୍ରୀଙ୍କ ପ୍ରେସ କନଫରେନ୍ସର କେତୋଟି ମୁଖ୍ୟକଥା ।

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

**ତା. ୪.୦୧.୨୦୧୪**

ଗତ କାଲି ପ୍ରଧାନ ମନ୍ତ୍ରୀ ଗଣମାଧ୍ୟମ ଆଗରେ ଯେଉଁ ତଥ୍ୟ ଉପସ୍ଥାପନା କରିଥିଲେ ତାହା ବିଭିନ୍ନ ପ୍ରକାରର ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି କରେ । କାରଣ ସେ ଏକ ପାର୍ଶ୍ୱରେ ନିଜେ ଆଗାମୀ ନିର୍ବାଚନରେ ପାର୍ଥୀ ହେବେନାହିଁ ବୋଲି ଘୋଷଣା କରି ରାହୁଲ ଗାନ୍ଧିଙ୍କୁ ଅନୁମୋଦନ କରିବା ସହ ମୋଦିଙ୍କୁ ପରିହାସ କରିଥିବା ବେଳେ ଅପର ପକ୍ଷରେ ଦେଶର ମୁଦ୍ରାସ୍ଫୀତୀକୁ ନିୟନ୍ତ୍ରଣ କରିବା ଓ ଭ୍ରଷ୍ଟାଚାରକୁ ରୋକିବା ପାଇଁ ନିଜ ବିଫଳତାକୁ ମଧ୍ୟ ସ୍ୱୀକାର କରିଛନ୍ତି ।

ଜନୈକ ଗଣମାଧ୍ୟମର ବ୍ୟକ୍ତି ତାଙ୍କୁ କାଶ୍ମୀର ଘଟଣା ନେଇ ପ୍ରଶ୍ନ କରିବାରୁ ସେ ପ୍ରକାଶ କରିଥିଲେ କି, ଉଭୟ ଦେଶର କୂଟନୀତିଜ୍ଞ ମାନେ ଆସି ଉକ୍ତ ସମସ୍ୟାର ସମାଧାନ କରୁଛନ୍ତି । ହେଲେ ପୂର୍ବରୁ ପରଭେଜ ମୁସାରଫଙ୍କ ସମୟରୁ ହୋଇଥିବା ଚୁକ୍ତି ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ୧୯୯୪ ମସିହାରେ ରେ ଭାରତର ପାର୍ଲିଆମେଣ୍ଟରେ ଜାମ୍ମୁ ଓ କାଶ୍ମୀରକୁ ଆମ ଦେଶର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସର୍ବସମ୍ମତି କ୍ରମେ ଘୋଷଣା କରାଯାଇଥିଲା । ତେଣୁ ଏଥିପାଇଁ ତୃତୀୟ ସାମ୍ମୁଖ୍ୟର ଆଦୌ ଆବଶ୍ୟକତା ନାହିଁ । ତାହା ସତ୍ତ୍ୱେ ବି ପାକିସ୍ଥାନ ଅଧିକୃତ କାଶ୍ମୀରକୁ ଭାରତକୁ ମିଳିପାରିନାହିଁ ଏବଂ ସେଠାରେ ଯୁଦ୍ଧ ତଥା ଆତଙ୍କବାଦ ଏକ ବିରାଟ ସମସ୍ୟା ହୋଇଚାଲିଛି । ତେଣୁ ସୀମାରେଖାର ପୁନଃ ଚିହ୍ନଟ ଆଦି ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି ।

ନେହେରୁଙ୍କ ସମୟରୁ ଜାମ୍ମୁ ଓ କାଶ୍ମୀରକୁ ଏକ ସ୍ୱତନ୍ତ୍ର ମାନ୍ୟତା ଦିଆଯିବା ନିୟମ ହିଁ ପୂରାପୂରି ତ୍ରୁଟିପୂର୍ଣ୍ଣ ଥିଲା । ବିଗତ ୬୭ ବର୍ଷରୁ ସେଠାକାର ଏହି ସ୍ୱତନ୍ତ୍ର ମାନ୍ୟତା ହିଁ ବିଚ୍ଛିନ୍ନତାବାଦକୁ ଜନ୍ମ ଦେଇଅଛି । ଏଠି କଂଗ୍ରେସ ସ୍ୱତନ୍ତ୍ର ମାନ୍ୟତାର ସପକ୍ଷରେ ଥିବା ବେଳେ ନେସନାଲ କନଫରେନ୍ସ ୧୯୫୩ ମସିହାର ପୂର୍ବ ସ୍ଥିତିର ସପକ୍ଷରେ, ପି.ଡ଼ି.ଏଫ ସ୍ୱତନ୍ତ୍ର ଶାସନର ଓ ବିଚ୍ଛିନତାବାଦୀମାନେ ନିଜର ସ୍ୱାଧୀନତା ଦାବି କରନ୍ତି । ହେଲେ ଦେଶର ସ୍ୱାର୍ଥ ଦୃଷ୍ଟିରୁ କୌଣସି ଗୋଟିଏ ମଧ୍ୟ ଗ୍ରହଣୀୟ ନୁହେଁ । ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି ଜାମ୍ମୁ ଓ କାଶ୍ମୀରକୁ ଦେଶର ଅନ୍ୟ ଅଞ୍ଚଳଠାରୁ ଅଲଗାକରି ଏକ ବିଭେଦତା ସୃଷ୍ଟି କରିବା । ଉକ୍ତ ଚୁକ୍ତିରେ ପାକିସ୍ତାନ ବହୁ ଅଗ୍ରହଣୀୟ ଦାବିକୁ ଉପସ୍ଥାପନା କରିଅଛି । ଯେପରି ଭୌଗୋଳିକ ପରିସୀମାର ପୁନଃନିର୍ଦ୍ଧାରଣ, କାଶ୍ମୀର ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ଓ ଏଲ.ଓ.ସି

ଅଞ୍ଚଳରୁ କଟକଣା ଉଠାଇ ସେଠାରେ ପାକିସ୍ଥାନ ଓ ଭାରତର ଜନତା ତଥା ସାମଗ୍ରୀକୁ ଅବାଧରେ ଯିବା ଆସିବାର ସୁଯୋଗ ଦେବା । ତେବେ ଏପରି ସର୍ତ୍ତ ଥିବା ଚୁକ୍ତିରେ କିଭଳି ବୁଝାମଣା କରାଯାଇ ପାରିବ ତାହା ସ୍ୱଷ୍ଟ ହୁଏନାହିଁ ? ଉଭୟ ପାର୍ଶ୍ୱରୁ କୂଟନୀତିର ପ୍ରୟୋଗ ବିଶ୍ୱରେ ସର୍ବତ୍ର ଗହଣୀୟ ଏବଂ ଏହା ଦ୍ୱାରା ଜାତୀୟ ଚିନ୍ତାଧାରା ମଧ୍ୟ ଉନ୍ନତ ହୋଇପାରିବ । ତେଣୁ ପାକିସ୍ଥାନ ଆନ୍ତର୍ଜାତୀୟ ସ୍ତରରେ ଏଲ.ଓ.ସି କୁ ହଟାଇବା ନେଇ ଓ ବାସ୍ତବରେ ଜାମ୍ମୁ ଓ କାଶ୍ମୀରକୁ ଏକ ବିବାଦୀୟ କ୍ଷେତ୍ର ବୋଲି ଦର୍ଶାଇ ଭାରତୀୟ କୂଟନୀତିଜ୍ଞ ମାନଙ୍କୁ ମଧ୍ୟ ଏକ ଆହ୍ୱାନ ଦେଇଅଛି କହିଲେ ଭୂଲ ହେବନାହିଁ । ଏଭଳି ଚୁକ୍ତିରେ ସ୍ୱାକ୍ଷର କରି ଭାରତକୁ କୌଣସି ପ୍ରକାରରେ ଲାଭ ମିଳିବାର ନାହିଁ । ବରଂ ଦେଶ ପରିସ୍ଥିତି ଆହୁରି ଗମ୍ଭୀର ତଥା ବିଧ୍ୱଂସୀ ହୋଇଯିବ । ତେବେ ଉକ୍ତ ଚୁକ୍ତି ସ୍ୱାକ୍ଷର ପୂର୍ବରୁ ଦେଶର ସମସ୍ତଙ୍କ ପରାମର୍ଶ ନିତ୍ୟାନ୍ତ ଜରୁରୀ । ଯାହା ଫଳରେ ଇତିହାସ କହିପାରିବ କି ପ୍ରଧାନମନ୍ତ୍ରୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କଅଣ ସବୁ କଲେ ।